## ସଂକ୍ଷେପରେ

### ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

ଆର.ଉଦୟଗିରି, ୨୩।୫ (ଡି.ଏନ.ଏ.) ମୋହନା ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଏବଂ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ଅଡ଼ବା ଥାନା ଅନ୍ତର୍ଗତ କାତ୍ରାକା ଗ୍ରାମର ସାମନ୍ତ ନାୟକ(୨୭)। ଅଭିଯୁକ୍ତଙ୍କର ଏକ ସନ୍ତାନ ଥିବା ବେଳେ ସେ ନାବାଳିକା ଛାତ୍ରୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ନାବାଳିକାଙ୍କୁ କଲେଜରେ ପଢ଼ିବା ପାଇଁ ଯୁବକ ସହାୟତା କରିଥିଲେ। ପରେ ୨୦୨୨ ଜୁନ ୨୧ ତାରିଖରେ ଯୁବକ ନାବାଳିକାଙ୍କୁ ପ୍ରଥମେ ଉତ୍ତରପ୍ରଦେଶ, ମୁମ୍ବାଇ ଏବଂ ତେଲଙ୍ଗାନାକୁ ନେଇ ବିଭିନ୍ନ ପ୍ରଲୋଭନ ଦେଖାଇ ବାରମ୍ବାର ବଳାତ୍କାର କରିଥିଲେ। ନାବାଳିକା ଗର୍ଭବତୀ ହେବାପରେ ଗର୍ଭପାତ ମଧ୍ୟ କରାଇଥିଲେ। ଅନ୍ୟପଟେ ନାବାଳିକା ନିଖୋଜ ଥିବା ନେଇ ଘର ଲୋକେ ମୋହନା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ମଧ୍ୟ ଚଳାଇଥିଲା। ଗତ ମାର୍ଚ୍ଚ ମାସରେ ଯୁକ୍ତ୨ ପରୀକ୍ଷା ଦେବାକୁ ନାବାଳିକା ମୋହନା ଆସିଥିବା ବେଳେ ତାଙ୍କୁ ପୋଲିସ ଉଦ୍ଧାର କରିବା ସହ ପଚରାଉଚରା କରିଥିଲା। ଫଳରେ ସମସ୍ତ ଘଟଣା ଜଣାପଡ଼ିଥିଲା। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ତାଙ୍କ ଫୋନ ନମ୍ବର ଟ୍ରାକ୍ କଲାବେଳେ ସେ ମୋହନା ଅଞ୍ଚଳରେ ଥିବା ଜଣାପଡ଼ିଲା। କିନ୍ତୁ ଚଢାଉ ବେଳେ ଦୁଇ ଦୁଇ ଥର ଅଭିଯୁକ୍ତ ପୋଲିସକୁ ଚକମା ଦେଇ ଖସିଯାଇଥିଲା। ରବିବାର ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ କର୍ଚବାଡି ଗ୍ରାମରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଡାକ୍ତରୀ ମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମୋହନା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ହୁମ୍ବର ଗ୍ରାମରେ ବାଲେଶ୍ୱର ଭିଜିଲାନ୍ସ ଟିମ

ଛତ୍ରପୁର, ୨୩।୫ (ଡି.ଏନ୍.ଏ.): ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁରଠାରୁ ମାତ୍ର ୩ କି.ମି ଦୂର ହୁମ୍ବର ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନରେ ବାଲେଶ୍ୱରର ଏକ ଭିଜିଲାନ୍ସ ଟିମ ପହଞ୍ଚି ଜନାର୍ଦ୍ଦନ ପଲେଇଙ୍କ ପୈତୃକ ଘର ତନଖି କରିଛି। ସୂଚନାଯୋଗ୍ୟ ଯେ, ଜନାର୍ଦ୍ଦନ ପଲେଇ ବାଲେଶ୍ୱରରେ ଖାଦ୍ୟ ଯୋଗାଣ ବିଭାଗର ଚତୁର୍ଥ ଶ୍ରେଣୀ ଗ୍ରେଡରେ ଚାକିରି କରନ୍ତି। ସେଠାରେ ସେ ସ୍ଥାୟୀ ଭାବେ ବସବାସ କରି ରହି ଆସୁଛନ୍ତି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ବିରୋଧରେ ଗତ ୨୦୨୨ ଜୁନ ୨୫ରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ହୋଇଥିଲା, ଯାହା ଏବେବି ବିଚାରାଧୀନ ରହିଛି। ବାଲେଶ୍ୱର ଜିଲା ଜଳେଶ୍ୱରଠାରେ ସ୍ଥାପିତ ନିଜସ୍ୱ ଘର ଥିବା ବେଳେ ଗୋଟିଏ ହୋଟେଲ କରି ଭଡ଼ାରେ ଲଗାଇଥିବା ଜଣାପଡ଼ିଛି। ସେହି ମାମଲାରେ ପୁଣି ମଙ୍ଗଳବାର ଭିଜିଲାନ୍ସ ଡିଏସ୍‌ପି ଡି.ସି.ମୁର୍ମୁଙ୍କ ନେତୃତ୍ୱରେ ଏକ ଟିମ ହୁମ୍ବର ଗ୍ରାମରେ ପହଞ୍ଚି ପୈତୃକ ଘରର ମାପଚୁପ କରି ଫେରିଛନ୍ତି।

# ସବୁ ସହରାଞ୍ଚଳ ପୋଖରୀ ଉନ୍ନତୀକରଣ ହେବ

## ଆମ ପୋଖରୀ ଯୋଜନାର ସମୀକ୍ଷା କଲେ ସ୍ୱତନ୍ତ୍ର ସଚିବ

**ଛତ୍ରପୁର, ୨୩।୫ (ଡି.ଏନ୍.ଏ.):**

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକ ମଙ୍ଗଳବାର ଗଞ୍ଜାମ ଜିଲା ଗସ୍ତରେ ଆସି ଛତ୍ରପୁରଠାରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ଅବସରରେ 'ଆମ ପୋଖରୀ' ଯୋଜନାର ସମୀକ୍ଷା କରି ଏହାର ସଫଳ ରୂପାୟନ ସହ ଲକ୍ଷ୍ୟ ପୂରଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ଯୋଜନାରେ ଜିଲାର ସମସ୍ତ ୧୮ ସହରାଞ୍ଚଳରେ ଥିବା ଜଳାଶୟ ତଥା ପୋଖରୀଗୁଡିକର ଉନ୍ନତିକରଣ କରାଯିବ। ଗଞ୍ଜାମ ଜିଲାର ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଓ ୧୬ ଏନ୍‌ଏସିରେ ୨୧୨ ପୋଖରୀର ଉନ୍ନତିକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦିଆଯାଇଛି। ଅପରାହ୍ନରେ ଛତ୍ରପୁରସ୍ଥିତ ଜଉଗଡ଼ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲା ଅଧୀନ ସବୁ ସହରାଞ୍ଚଳ ପୋଖରୀ ନବୀକରଣ ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ସମୀକ୍ଷାରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ମହାନଗର ନିଗମର କମିଶନର ଜେ.ସୋନାଲ, ବୁଡା ପିଡି ନୀଳମାଧବ ଭୋଇଙ୍କ ସମେତ ସମସ୍ତ ସହରାଞ୍ଚଳର ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ଗଞ୍ଜାମ ଜିଲାର ସହରାଞ୍ଚଳ ମାନଙ୍କରେ ଯେଉଁ ୨୧୨ ପୋଖରୀର ନବୀକରଣ କରିବା ଲକ୍ଷ୍ୟ ରହିଛି ସେଥିମଧ୍ୟରୁ ବ୍ରହ୍ମପୁରରେ ସର୍ବାଧିକ ୪୮ଟି, ପୋଲସରା ୨୪, କୋଦଳା ୧୫, ଗଞ୍ଜାମ ୧୪, ବେଲଗୁଣ୍ଠା ୧୩, ଦିଗପହି ୧୩, ଚିକିଟି ୧୨, ବୁଗୁଡା ୧୨, ହିଞ୍ଜିଳି ୧୧, ଛତ୍ରପୁର ୯, କବିସୂର୍ଯ୍ୟନଗର ୮, ରମ୍ଭା ୮, ଆସିକା ୭, ଖଲ୍ଲିକୋଟ ୭, ପୁରୁଷୋତ୍ତମପୁର ୭, ଗୋପାଳପୁର ୨, ଭଞ୍ଜନଗର ୧ ଓ ସୋରଡା ଏନଏସି ୧ ରହିଛି । ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ଅଗଷ୍ଟ ସୁଦ୍ଧା ଜିଲାର ୫୬ଟି ପୋଖରୀର ନବୀକରଣ ପାଇଁ ଲକ୍ଷ୍ୟ ନିଆଯାଇଛି। ମୋଟ ୯ଟି ପୋଖରୀର ନୀବକରଣ ପାଇଁ ପ୍ଲାନ ପ୍ରସ୍ତୁତ ହୋଇ ଅନୁଦାନ ମଞ୍ଜୁର ହୋଇ କାମ ଜାରିରହିଛି। ବ୍ରହ୍ମପୁର ମହାନଗର ନିଗମର ୪ଟି ପୋଖରୀ ୩୫ ଏକରର ବେଡାବନ୍ଧ, ୧୨ ଏକରର ହରିଡାଖବନ୍ଧ, ୧୨.୪ ଏକରର ଆଗୁଳାବନ୍ଧ ଓ ୧୬.୪ ଏକରର ଆଇନାବନ୍ଧ ଦିଗପହଣ୍ଡି ଏନ୍‌ଏସିର ନେଳିଆବନ୍ଧ, ମାନିମା ବନ୍ଧ, ବିଶେଶ୍ୱର ବନ୍ଧ ଏବଂ ଚିକିଟି ଏନ୍‌ଏସିର ନେଳିଆବନ୍ଧ ଓ ଖଡିକା ବନ୍ଧ ଉନ୍ନତିକରଣ କାର୍ଯ୍ୟ ଚାଲିଛି। ଏହି ଯୋଜନାରେ ପ୍ରାକୃତିକ ଓ ଜୈବିକ ପ୍ରକ୍ରିୟାରେ ପୋଖରୀ ଗୁଡିକର ନବୀକରଣ କାମ କରାଯିବ। ମହିଳା ସ୍ୱୟଂ ସହାୟିକାମାନଙ୍କ ଦ୍ୱାରା ଏହି ପ୍ରକଳ୍ପ ଗୁଡିକ ପରିଚାଳନା କରାଯିବ। ଭୂ-ତଳ ଜଳ ସଂରକ୍ଷଣକୁ ଦୃଷ୍ଟିରେ ରଖି ବିନା ସିମେଣ୍ଟ କଂକ୍ରିଟ ପ୍ରକଳ୍ପ କାମ କରାଯିବ। ଆବଶ୍ୟକ ସ୍ଥଳେ ଜେସିବି ବ୍ୟବହାର କରାଯିବ। ଜନସାଧାରଣଙ୍କ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ବ୍ୟବହାରକୁ ପ୍ରାଧାନ୍ୟ ରହିବ। ଏଥିଲାଗି କେତେ ପରିସୀମା ମଧ୍ୟରେ ପୋଖରୀର ଆକାର ଏବଂ ଏଥିଲାଗି କେତେ ଅନୁଦାନ ଖର୍ଚ୍ଚ କରାଯିବ ସେଥିଲାଗି ଯୁଦ୍ଧକାଳୀନ ଭିତ୍ତିରେ ଡିପିଆର ପ୍ରସ୍ତୁତ କରାଯିବ। ଅଗଷ୍ଟ ସୁଦ୍ଧା ଜିଲାର ୫୧ଟି ପୋଖରୀର ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ଅକ୍ଟୋବର ଶେଷ ସୁଦ୍ଧା ଜିଲାର ବାକି ପୋଖରୀଗୁଡିକର ନବୀକରଣ ପାଇଁ ଡିପିଆର ଶେଷ କରିବା ସହ ନଭେମ୍ବର ୧୫ରୁ କାମ ଆରମ୍ଭ ହେବ। ପୋଖରୀ ଗୁଡ଼ିକର ଡ୍ରୋନ ଦ୍ୱାରା ସର୍ଭେ କରି ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଯାଇଛି। ସ୍ୱତନ୍ତ୍ର ସଚିବଙ୍କ ସମେତ ଏକ ପ୍ରତିନିଧି ଦଳ ପ୍ରଥମେ ଛତ୍ରପୁର ଏନଏସିର ପିଲିବନ୍ଧ, ଲାଇନବନ୍ଧ ଓ ଖାଜାବନ୍ଧ ପରିଦର୍ଶନ କରି ପରେ ବ୍ରହ୍ମପୁର ବେଡ଼ାବନ୍ଧର ନବୀକରଣ କାର୍ଯ୍ୟକୁ ତଦାରଖ କରିଥିଲେ ।


ସ୍ୱତନ୍ତ୍ର ସଚିବ ସମୀକ୍ଷା କରୁଛନ୍ତି ।

## ୧୫ଫୁଟ୍ ତଳକୁ ଖସିଲା କାର, ୫ ଆହତ



**ପାରଳାଖେମୁଣ୍ଡି, ୨୩।୫ (ଡି.ଏନ୍.ଏ):**

ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ଥାନା ଅନ୍ତର୍ଗତ ଖ୍ରୀଷ୍ଟପୁର ବୁଲାଣି ରାସ୍ତାରେ ମଙ୍ଗଳବାର ସକାଳେ ଭାରସାମ୍ୟ ହରାଇ ଏକ କାର୍ ୧୫ ଫୁଟ ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ କାରରେ ଥିବା ୫ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତର ତିନି ଜଣଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଜୟପୁର ବାଲିସାହିର ୫ ଜଣ କଟକ ଜିଲା ବଡ଼ମ୍ବା ଏବଂ ପରେ ପୁରୀ ଭ୍ରମଣ କରି ଗ୍ରାମକୁ ଫେରୁଥିଲେ। ଗାଡ଼ିର ଡ୍ରାଇଭରଙ୍କ ନିଦ ଲାଗିବାରୁ ଏଭଳି ଦୁର୍ଘଟଣା ହୋଇଥିବା ସୂଚନା ମିଳିଛି । ଆହତମାନେ ହେଲେ ନରେଶ ପଣ୍ଡା, ଦିଲ୍ଲୀପ ରଥ, ସରୋଜିନୀ ରଥ, ରାମଚନ୍ଦ୍ର ମିଶ୍ର, ଦେବାଶିଷ ପଟ୍ଟନାୟକ।

### ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ମରକ୍କୋ ପ୍ରତିନିଧି ଦଳ

# ଉଚ୍ଚଶିକ୍ଷା କ୍ଷେତ୍ରରେ ସମ୍ପର୍କକୁ ମଜଭୁତ କରିବାକୁ ପ୍ରୟାସ


ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ମରକ୍କୋ ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

**ପାରଳାଖେମୁଣ୍ଡି, ୨୩।୫ (ଡି.ଏନ୍.ଏ):**

ଉଚ୍ଚଶିକ୍ଷା, ବୈଜ୍ଞାନିକ ଅନୁସନ୍ଧାନ ଏବଂ ନବସୃଜନ କ୍ଷେତ୍ରରେ ମରୋକ୍କୋ-ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବାକୁ ୪ଜଣିଆ ମରକ୍କୋ ପ୍ରତିନିଧି ଦଳ ୪ ଦିନିଆ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। ଇନ୍ସପେକ୍ଟର ଜେନେରାଲ ଅବଦେଲଫେଟ୍ଟା ଓଲ୍ଡ ନାନା, ଉଚ୍ଚଶିକ୍ଷା ତଥା ଶିକ୍ଷାଗତ ବିକାଶ ବିଭାଗର ମୁଖ୍ୟ ମହମ୍ମଦ ତାହିରୀ, ଆମେରିକା ଏବଂ ଏସିଆ ଦେଶ ସହଯୋଗ ଏବଂ ଭାଗିଦାରୀ ବିଭାଗ ସହ ସହଯୋଗ ଦାୟିତ୍ୱରେ ଥିବା ଅବଦାଲ୍ଲା ଫେଜର୍, ଉପଦେଷ୍ଟା ଅମାଲ ଲାରିବି, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର ଡି.ଏନ. ରାଓ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ଓଡିଶା, ରେଜିଷ୍ଟ୍ରାର୍ ଡ. ଅନୀତା ପାତ୍ର, ଡେପୁଟି ରେଜିଷ୍ଟ୍ରାର୍ ଦୁର୍ଗା ପ୍ରସାଦ ପାଢୀ, ପ୍ରଫେସର ଏସ.ପି. ନନ୍ଦ ଏବଂ ମୋନାଲିଶା ଘୋଷ, ଆସୋସିଏଟ ଡାଇରେକ୍ଟର - ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ସମ୍ପର୍କ ଏବଂ ସରକାରୀ ଭାଗିଦାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ଏବଂ ସହଯୋଗ ଉପରେ ଆଲୋଚନା କରାଯାଇଥିଲା। ଶିଳ୍ପ-ଦକ୍ଷତା ସମନ୍ୱିତ ଶିକ୍ଷା, ସ୍ମାର୍ଟ କୃଷି, ସ୍ୱୟଂଚାଳିତ, ଡିଜିଟାଲ ଉତ୍ପାଦନ, ଏରୋସ୍ପେସ, ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି ଇତ୍ୟାଦି ଶିଖିବା ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ମରୋକୋରୁ ଆସିଥିବା ପ୍ରତିନିଧିମାନେ ବିଭିନ୍ନ କର୍ମଶାଳାରେ ଦକ୍ଷତା ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ମିନି ଡାଏରୀ ଏବଂ ବେକରୀ, ମିନି ଟୁଲ ରୁମ ଏବଂ ଆଇଚର୍ ଲ୍ୟାବ, ବାୟୋଫର୍ଟିଲାଇଜର, ଜୈବିକ ଫାର୍ମ, ମଶରୁମ ୟୁନିଟ, ଆପିରି, କୃଷି ନର୍ସରୀ, ମତ୍ସ୍ୟ, ପଶୁପାଳନ, ଡ୍ରାଗନ ଫ୍ରୁଟ ଫାର୍ମ, ହାଇଡ୍ରୋପୋନିକ୍ସ, ୩-ଡି ଲ୍ୟାବ ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

## ମନ୍ଦିର ଜମି ଜବରଦଖଲ ମୁକ୍ତ ପାଇଁ ବୈଠକ

**ଖଲ୍ଲିକୋଟ, ୨୩।୫ (ଡି.ଏନ୍.ଏ.)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ଶାସନରେ ଥିବା ଚନ୍ଦ୍ରଶେଖର, ଦୁର୍ଗାଦେବୀ, ରାଧାକୃଷ୍ଣ ମନ୍ଦିରର ୫୦ ଏକରରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଭୂସମ୍ପତି ଥିଲେ ସୁଦ୍ଧା ଠାକୁରଙ୍କ ନୀତିଭୋଗ ପାଇଁ ଅର୍ଥ ଆଦାୟ ହୋଇପାରୁନି। ବହୁ ଜମି ଜବରଦଖଲରେ ରହିଛି। ସେଥିରୁ ଟଙ୍କାଟିଏ ଆଦାୟ ହୋଇପାରୁନି। ଏନେଇ ଶାସନ ବ୍ରାହ୍ମଣମାନେ ମଣ୍ଡପ ପରିସରରେ ବୈଠକ କରିଥିଲେ। ସଭାପତି ଜ୍ୟୋତିଶ ନନ୍ଦଙ୍କ ପୌରହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କେଶପୁର ବଜାର ନିକଟରେ ଥିବା ବହୁମୂଲ୍ୟ ଠାକୁରଙ୍କ ଜମିକୁ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଉଚ୍ଚ ଅଟାଳିକା ନିର୍ମାଣ କରି ବ୍ୟବସାୟ କରୁଛନ୍ତି। ତେଣୁ ଏ ନେଇ ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗକୁ ଦାବି ଜଣାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ପରମ୍ପରା ପ୍ରକାରେ ଶୀତଳଷଷ୍ଠୀ ଯାତ୍ରା କରିବା ପାଇଁ ସ୍ଥିର ହୋଇଥିଲା। ବୈଠକରେ ଲକ୍ଷ୍ମଣ ରଥ, ମନୋଜ ରଥ, ଗୋଦାବରୀଶ ନନ୍ଦ, କିରଣ ମିଶ୍ର, ରତ୍ନାକର ମିଶ୍ର, ହରପ୍ରସାଦ ତ୍ରିପାଠୀ, ଶିବପ୍ରସାଦ ତ୍ରିପାଠୀଙ୍କ ସମେତ ସମସ୍ତ ବ୍ରାହ୍ମଣ ଉପସ୍ଥିତ ଥିଲେ।

## ଡଭାରରେ ପ୍ରଥମ ଥର ଠାକୁରାଣୀ ଯାତ୍ରା ଆରମ୍ଭ


ଅସ୍ଥାୟୀ ମଣ୍ଡପକୁ ଯାଉଛନ୍ତି ମା' ଠାକୁରାଣୀ।

**ଚିକିଟି, ୨୩।୫(ଡି.ଏନ.ଏ.)**

ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଡଭାର ଗ୍ରାମରେ ଚଳିତବର୍ଷ ପ୍ରଥମ ଥର ପାଇଁ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଁ ଠାକୁରାଣୀଙ୍କ ଯାତ୍ରା ସୋମବାର ଆରମ୍ଭ ହୋଇଯାଇଛି। ଏହି ଯାତ୍ରା ୭ ଦିନ ଚାଲିବ ବୋଲି ଯାତ୍ରା କମିଟି ପକ୍ଷରୁ କୁହାଯାଇଛି। ସୋମବାର ରାତିରେ ବିଭିନ୍ନ ପ୍ରକାରର ପୂଜାର୍ଚ୍ଚନା ରୀତି ନୀତି ପରେ ମା'ଙ୍କ ଆଜ୍ଞାମାଳ ମିଳିବା ପରେ ମା'ଙ୍କୁ ବିଭିନ୍ନ ନାଚ ଗୀତ ପଟୁଆର ସହ ବାପା ଘର (ରାମ ନାରାୟଣ ପାଢ଼ୀଙ୍କ)କୁ ନିମନ୍ତ୍ରଣ କରି ନିଆଯାଇଥିଲା। ସେଠାରେ ପୁନର୍ବାର ଭବ୍ୟ ସମ୍ବର୍ଦ୍ଧନା ପରେ ମା'ଙ୍କୁ ଗ୍ରାମ ପରିକ୍ରମା କରାଯାଇ ଅସ୍ଥାୟୀ ମଣ୍ଡପରେ ଅବସ୍ଥାପିତ କରାଗଲା। ଯାତ୍ରାର ଦ୍ୱିତୀୟ ଦିନରେ ବମୋକୋଇ ଗ୍ରାମର ପ୍ରହ୍ଲାଦ ନାଟକ, ତୃତୀୟ ଦିନରେ ଶୁକଦେବ ଜେନାଙ୍କ ଭାରତ ଲୀଳା, ଚତୁର୍ଥ ଦିନରେ ନିଜ ଗ୍ରାମର ପୌରାଣିକ ନାଟକ ରାମାୟଣ, ପଞ୍ଚମ ଦିବସରେ ପୁରୀର ସାଇ ଶିବା ରେକର୍ଡ ଡାନ୍ସ ଓ ଷଷ୍ଠ ଦିନରେ ଆସିକା ଜୟପୁର ଅଞ୍ଚଳର ପ୍ରସିଦ୍ଧ ମହାଭାରତ ନାଟକ ମଞ୍ଚସ୍ଥ କରାଯିବ ବୋଲି ଯାତ୍ରା ସୂଚନା କେନ୍ଦ୍ର ସଂଯୋଜକ ନରେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଅଞ୍ଚଳର ପୁରୋହିତ ପ୍ରସାଦ କୁମାର ପ୍ରହରାଜଙ୍କ କାର୍ଯ୍ୟ ନିର୍ଘଣ୍ଟ ଅନୁସାରେ ଯାତ୍ରା ପରିଚାଳିତ ହେଉଛି। ଲିଙ୍ଗରାଜ ପଣ୍ଡା, ଦ୍ୱାରିକାନାଥ ପଣ୍ଡା, ପ୍ରହ୍ଲାଦ ବେହେରା, ବିଶିକେଶନ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପାଢ଼ୀ, ବଳରାମ ପାଢ଼ୀ, ରତ୍ନାକର ସାହୁ ଓ ଗୌଡ଼ ସେଠୀ ଏବଂ ଜୁର ପାଣିଗ୍ରାହୀ ଆଦି ଯାତ୍ରା କମିଟି ସୁଚାରୁ ରୂପେ ଯାତ୍ରା ପରିଚାଳନା କରୁଛନ୍ତି।

# ମଧ୍ୟାହ୍ନଭୋଜନ ଅର୍ଥ ଉଠାଇ ବାଣ୍ଟି ନ ଥିବା ଅଭିଯୋଗ

**ବେଗୁନିଆପଡ଼ା, ୨୩।୫**

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡିଖୋଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଟଙ୍କା ଛାତ୍ରୀଛାତ୍ରମାନଙ୍କୁ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ୨୦୨୨ ସେପ୍ଟେମ୍ବରରୁ ପିଲାମାନଙ୍କ ପାଇଁ ଆସିଥିବା ମଧ୍ୟାହ୍ନ ଭୋଜନ ବାବଦୀୟ ଅର୍ଥକୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସେଠୀ ବ୍ୟାଙ୍କ ଖାତାରୁ ଉଠାଇ ନିଜେ ରଖିଥିଲେ ଏବଂ ଉକ୍ତ ଅର୍ଥକୁ ଛାତ୍ରୀଛାତ୍ରମାନଙ୍କୁ ବଣ୍ଟାଯାଇ ନ ଥିବା ନେଇ ଗ୍ରାମବାସୀ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମଙ୍ଗଳବାର ତରବରିଆ ଭାବେ ପ୍ରଧାନ ଶିକ୍ଷକ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟକୁ ଡାକି ଟଙ୍କା ବାଣ୍ଟୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, କରୋନା ସମୟରେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉ ନ ଥିବା ଏବଂ ବିଦ୍ୟାଳୟ ବନ୍ଦ ରହୁଥିବାରୁ ଭୋଜନ ବାବଦୀୟ ଅର୍ଥ ଛାତ୍ରୀଛାତ୍ରମାନଙ୍କୁ ବାଣ୍ଟିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସେଠୀ ଉକ୍ତ ଅର୍ଥକୁ ବ୍ୟାଙ୍କରୁ ଉଠାଇ ନିଜେ ରଖି ଦେଇଥିଲେ ; ଯାହାକୁ ନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି। ସେପଟେ ଏ ନେଇ ପ୍ରଧାନ ଶିକ୍ଷକ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିବା ବେଳେ ଘଟଣାର ଅନୁଧ୍ୟାନ କରାଯାଉଥିବା କହିଛନ୍ତି ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋମନାଥ ସେଠୀ।

## ୧୦୩୪ କେଜି ଭାଙ୍ଗ ଜବତ, ଡ୍ରାଇଭର ଗିରଫ

**ଆର.ଉଦୟଗିରି, ୨୩।୫(ଡି.ଏନ.ଏ.)**

ମୋହନା ଥାନା ଅନ୍ତର୍ଗତ ମୋହନାଠାରୁ ବଡଗଡ଼ ଯିବା ରାସ୍ତା କେନ୍ଦୁପଦା ଛକରେ ମୋହନା ପୋଲିସ ପାଟ୍ରୋଲିଂ କରିବା ସମୟରେ ଏକ ଟାଟା ଏସଇ (ନଂ ଓଡ଼ି୦୨ବିକେ-୫୦୪୨)ରେ ଚୋରା ଚାଲାଣ ହେଉଥିବା ୧୦୩୪କେଜି ଭାଙ୍ଗକୁ ଜବତ କରିଛି। ଜବତ ସମୟରେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅନ୍ତର୍ଗତ ରଗଡିପଦା ଗ୍ରାମର ଜଗନ୍ନାଥ ପାତ୍ରଙ୍କ ପୁତ୍ର ବସନ୍ତ ପାତ୍ର (ଡ୍ରାଇଭର)ଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଏହି ଦୁର୍ଗମ ଅଞ୍ଚଳରେ ଚୋରା ଚାଲାଣକାରୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ସହ ଚବିଶ ଘଣ୍ଟିଆ ପାଟ୍ରୋଲିଂ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି।

### ଖବର ପ୍ରକାଶ ପରେ ପ୍ରଶାସନର ଚେତା ପଶିଲା

# ଦୁଇ ଦିନ ମଧ୍ୟରେ ପୋଖରୀ ଖନନ ପାଇଁ ନିର୍ଦ୍ଦେଶ

**ଗଞ୍ଜାମ, ୨୩।୫(ଡି.ଏନ୍.ଏ.)**

ଗଞ୍ଜାମ ଏନଏସି ଅନ୍ତର୍ଗତ ୱାର୍ଡ ନଂ ୭ ବାଲିସାହିରେ ଦୀର୍ଘ ବର୍ଷ ହେବ ପୋଖରୀ ପୁନଃ ଉଦ୍ଧାର ହୋଇନାହିଁ। ଫଳରେ ଉକ୍ତ ପୋଖରୀଟି ଶୁଖି ପଡ଼ିରହିଛି। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶିତ ହେବା ପରେ ପ୍ରଶାସନର ଚେତା ପଶିଛି। ମଙ୍ଗଳବାର ତହସିଲଦାର ଅରୁଣ କୁମାର ନାୟକ ଓ ଏନଏସି ଇଓ ଅବିନାଶ ମିଶ୍ର ବାଲିସାହି ଯାଇ ଶୁଖି ପଡ଼ିଥିବା ପୋଖରୀ ବୁଲି ଦେଖିବା ସହ ସାହି ଲୋକଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଦୁଇ ଦିନ ମଧ୍ୟରେ ପୋଖରୀ ଖନନ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ତହସିଲଦାର। ଏଥିସହ ସେଠାରେ ଶିଶୁ ଉଦ୍ୟାନ ସହ ଓପନ ଜିମ୍ ନିର୍ମାଣ ପାଇଁ ଏନଏସି ପ୍ରଶାସନ ଯୋଜନା ପ୍ରସ୍ତୁତ କରୁଛି ବୋଲି ଇଓ ମିଶ୍ର ସୂଚନା ଦେଇଛନ୍ତି। ବର୍ଷା ଦିନ ପୂର୍ବରୁ ପୋଖରୀ ପୁନଃ ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ସାହି ଲୋକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ, ସାହି ବାସିନ୍ଦା ତହସିଲଦାର ଅରୁଣ କୁମାର ନାୟକ ଓ ଇଓ ମିଶ୍ରଙ୍କୁ ଭେଟି ବର୍ଷା ଦିନ ପୂର୍ବରୁ ସାହିର ପୋଖରୀ ପୁନଃ ଉଦ୍ଧାର କରିବା ଲାଗି ଗୁହାରି କରିବା ସହ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାରଙ୍କ ଅନୁଧ୍ୟାନ ବେଳେ ସାହିର ସୁରେଶ କୁମାର ନାୟକ, ପ୍ରଶାନ୍ତ ନାୟକ, ବାବୁ ନାୟକ, ଦୁର୍ଗା ନାୟକ, ମହେଶ ନାୟକ, ରୋହନ ନାୟକ ପ୍ରମୁଖ ଉପସ୍ଥିତ ଉପସ୍ଥିତ ଥିଲେ।


ପୋଖରୀ ବୁଲି ଦେଖୁଛନ୍ତି ତହସିଲଦାର, ନିର୍ବାହୀ ଅଧିକାରୀ।

# ସିଂହ ଉପରେ ବସି ନଗର ଭ୍ରମଣ କଲେ ଦେବୀ

## ଅର୍ଥମନ୍ତ୍ରୀ ଦେବୀଙ୍କ ଦର୍ଶନ କଲେ, ଆଜି ଦେବୀଙ୍କ ବାହୁଡ଼ା ଯାତ୍ରା

**ଭଞ୍ଜନଗର, ୨୩।୫(ଡି.ଏନ.ଏ):**

ଭଞ୍ଜନଗର ଠାକୁରାଣୀ ଯାତ୍ରାର ମଙ୍ଗଳବାର ସନ୍ଧ୍ୟାରେ ମା' ବ୍ୟାଘ୍ରଦେବୀ ସିଂହ ଉପରେ ବସି ନଗର ଭ୍ରମଣ କରିଛନ୍ତି। ମା' ଠାକୁରାଣୀଙ୍କୁ ମାନସିକଧାରୀମାନେ ମୁଣ୍ଡରେ ଧରି ନଗର ଭ୍ରମଣ କରିଥିଲେ। ଦେବୀ ଅସ୍ଥାୟୀ ମଣ୍ଡପରୁ ପୂର୍ବମୁଖା ହୋଇ ବାହାରିବା ପରେ ତହସିଲ ଅଫିସ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ପୁଣି ଫେରି ରଘୁନାଥ ମନ୍ଦିର ଛକ ପର୍ଯ୍ୟନ୍ତ ଆସିଥିଲେ। ସେଠାରୁ ଫେରି ବିଳମ୍ବିତ ରାତିରେ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ବିଶ୍ରାମ ନେଇଥିଲେ। ଯାତ୍ରା କମିଟି ପକ୍ଷରୁ ପାରମ୍ପରିକ ପଶୁମୁଖା ନୃତ୍ୟ, ମୃଦଙ୍ଗ, ଢ଼ୋଲ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏଥିସହ ବିଳମ୍ବିତ ସନ୍ଧ୍ୟାରେ କବିସମ୍ରାଟ ରଙ୍ଗମଞ୍ଚରେ ଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅପରପକ୍ଷେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଦାୟିତ୍ୱ ନେବା ପରେ ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଦେବୀଙ୍କ ଦର୍ଶନ କରିଥିଲେ । ଏଥିସହ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ବୁଧବାର ଦିନ ତମାମ ଅସ୍ଥାୟୀ ମଣ୍ଡପ ସମ୍ମୁଖରେ ୨ଟି ନାଟକ ହେବ। ପୁରୁଣା ବଜାର ସାହିରେ 'ପ୍ରହଲ୍ଲାଦ' ଏବଂ 'ଦ୍ୱାରି' ନାଟକ ପରିବେଷଣ ହେବ। ଏହାପରେ ୨୧ଦିନ ଧରି ଚାଲିଥିବା ଠାକୁରାଣୀ ଯାତ୍ରା ଉଦ୍‌ଯାପିତ ହେବ। ମା' ବ୍ୟାଘ୍ରଦେବୀ ଏବଂ ମା' ଠାକୁରାଣୀ ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପରୁ ଉଭୟ ମିଶି ଆଗପଛ ହୋଇ ବନବିଭାଗ ଡ଼ାକବଙ୍ଗଳା ସମ୍ମୁଖରେ ହୋଇଥିବା ଭେଟସ୍ଥଳୀ ପର୍ଯ୍ୟନ୍ତ ଯିବେ। ସେଠାରେ ଭେଟ ହେବାପରେ ମା' ଠାକୁରାଣୀ ପଛକୁ ଫେରି ଭଞ୍ଜନଗର ସହର ଶଙ୍ଖସାହିରେ ଥିବା ସ୍ଥାୟୀ ମନ୍ଦିରକୁ ଫେରିବେ। ମା' ବ୍ୟାଘ୍ରଦେବୀ ଆଗକୁ ବଢ଼ି କୁଲାଡ଼ ସ୍ଥାୟୀ ମନ୍ଦିରକୁ ଶଗଡ଼ରେ ଫେରିବେ। ଏହାପରେ ଯାତ୍ରା ଉଦ୍‌ଯାପିତ ହେବ।


ବ୍ୟାଘ୍ରଦେବୀ ସିଂହ ଉପରେ ବସି ନଗର ଭ୍ରମଣ କରୁଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

ବ୍ରହ୍ମପୁର ଅଫିସ,୨୩।୫-ବଡ଼ବଜାର ଥାନା ଅନ୍ତର୍ଗତ ପ୍ରହ୍ଲାଦନଗର ୪ର୍ଥ ଗଳିରେ ଜଣେ ଯୁବକଙ୍କୁ ସୋମବାର ପୂର୍ବାହ୍ନରେ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ ହୋଇଛି। ସେ ହେଲେ ମାଲୁଆଣି ନଗର ତୃତୀୟ ଗଳିର ସୂର୍ଯ୍ୟ କୁମାର ସୁବୁଦ୍ଧିଙ୍କ ପୁଅ ରୋସନ କୁମାର ସୁବୁଦ୍ଧି। ତାଙ୍କ ମୁଣ୍ଡ ପଛଭାଗ ଓ ଡାହାଣ ହାତରେ ଗଭୀର ଆଘାତ ଲାଗିଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ରୋସନଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୭୬/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ୨୪ ଘଣ୍ଟା ପରେ ବି ଅଭିଯୁକ୍ତ ଗିରଫ ହୋଇ ନ ଥିବାରୁ ପରିବାର ଲୋକେ ଭୟଭୀତ ହୋଇ ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏସ୍‌ପିଙ୍କ ଅନୁପସ୍ଥିତିରେ ଏଏସ୍‌ପି ଅସୀମ ପଣ୍ଡାଙ୍କୁ ଭେଟି ସୁରକ୍ଷା ମାଗିଥିଲେ। ଏଏସପି ତାଙ୍କୁ ଆଶ୍ୱାସନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୧ ତାରିଖ ରାତି ପ୍ରାୟ ସାଢ଼େ ୭ଟାରେ ୩ ଜଣ ଯୁବକ ମାଲୁଆଣି ନଗରସ୍ଥିତ ସୂର୍ଯ୍ୟଙ୍କ ଘର ସାମ୍ନାରେ ଗାଳିଗୁଲଜ କରିବା ସହ ତାଙ୍କୁ ଓ ତାଙ୍କ ପୁଅକୁ ହତ୍ୟା ଧମକ ଦେଇଥିଲେ। ଏ ସମ୍ପର୍କରେ ସୂର୍ଯ୍ୟଙ୍କ ସ୍ତ୍ରୀ ରାଜେଶ୍ୱରୀ ବଡ଼ବଜାର ଥାନାରେ ଅଭିଯୋଗ କରି ସୁରକ୍ଷା ମାଗିଥିଲେ। କିନ୍ତୁ ପୋଲିସ କେବଳ ଆଶ୍ୱାସନା ଦେଇ ଫେରାଇ ଦେଇଥିଲା। ସୋମବାର ତାଙ୍କ ପୁଅ ରୋସନ୍ କାମକୁ ଯାଉଥିବା ବେଳେ ୩ ଅଭିଯୁକ୍ତ ମିଶି ଖଣ୍ଡା ଏବଂ ଲୁହା ଛଡ଼ରେ ଆକ୍ରମଣ କରିଥିଲେ।

### ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ

ହିଞ୍ଜିଳିକାଟୁ ,୨୩ ।୫(ଡି.ଏନ.ଏ.) ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ଆଙ୍କୋରଡା ଗ୍ରାମର ଯୋଗୀବନ୍ଧ ନିକଟରେ ଜବରଦଖଲରେ ଥିବା ସରକାରୀ ଜାଗାକୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଫଳରେ ପ୍ରଶାସନ ଓ ଜବରଦଖଲକାରୀ ମୁହାଁମୁହିଁ ହୋଇଛନ୍ତି। ସୂଚନା ମୁତାବକ, ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ଆଙ୍କରଡା ଗ୍ରାମର ଯୋଗୀ ବନ୍ଧ ନିକଟରେ ପାର୍କ ନିର୍ମାଣ ନିମନ୍ତେ ସରକାରଙ୍କ ପକ୍ଷରୁ ଅନୁଦାନ ଅର୍ଥ ମଞ୍ଜୁର ହୋଇଛି। ମାତ୍ର କିଛି ବ୍ୟକ୍ତି ଉକ୍ତ ଜମି ଜବରଦଖଲରେ ରଖିଥିଲେ। ଉକ୍ତ ଅଞ୍ଚଳରେ ୧୫ ଏକରରୁ ଊର୍ଦ୍ଧ୍ୱ ଜଳସମ୍ପଦ ବିଭାଗ, ସରକାରୀ ଜାଗା, ଗୋଚର ଜମି ଓ ସଂରକ୍ଷିତ ଜଙ୍ଗଲ ରହିଛି। ଏହି ସବୁ ଜମିକୁ ଅନଧିକାର ଭାବେ ଦଖଲ କରି ରଖିଛନ୍ତି କେତେଜଣ ବ୍ୟକ୍ତି। ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ା ଉକ୍ତ ଜାଗାରେ ଘର ନିର୍ମାଣ କାମ କରୁଥିବା ଲୋକଙ୍କୁ କାମ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଲାଲ ବାନା ପୋତିଥିଲେ। ଉକ୍ତ ସରକାରୀ ଜମିକୁ ବେଆଇନ ଭାବେ ଅକ୍ତିଆର କରିଥିବା ଅଭିଯୋଗ ହୋଇଥିଲା ବୋଲି ସୂଚନା ଦେଇଛନ୍ତି। ଆମେ ବହୁ ବର୍ଷରୁ ଏଠାରେ ରହିଛୁ, ତେଣୁ ପ୍ରଶାସନ ହଟାଇଲେ ଆନ୍ଦୋଳନ କରିବୁ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳକୁ ପ୍ରବେଶ ନିଷେଧ ବୋଲି ପ୍ରଶାସନ ବୋର୍ଡ ଲଗାଇଛି। ଉଚ୍ଛେଦ ବେଳେ ହିଞ୍ଜିଳିକାଟୁ ପୌରପରିଷଦ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ା, ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସ, ରାଜସ୍ୱ ନିରୀକ୍ଷକ ଅରବିନ୍ଦ ଦାସ, ହିଞ୍ଜିଳିକାଟୁ ପୌରପରିଷଦ ଯନ୍ତ୍ରୀ ମାନସ ରଞ୍ଜନ ଦାସ, ଯନ୍ତ୍ରୀ ଦିଲିପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୨୩।୫- ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ବ୍ରହ୍ମପୁର ଷ୍ଟାଡ଼ିୟମ ସ୍ଥିତ ବିଜୁ ପଟ୍ଟନାୟକ ସନ୍ତରଣ ଜଳାଶୟରେ ଦ୍ୱିତୀୟ ଗଞ୍ଜାମ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା କ୍ରୀଡ଼ା ସାଂସଦ ସମ୍ପାଦକ ଅଶୋକ ସାହୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏସପି ଡ଼.ସର୍ବଣା ବିବେକ ଏମ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୯୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ସାମିଲ ହୋଇଥିଲେ। ପ୍ରତିଯୋଗିତାକୁ ଜିଲା ସନ୍ତରଣ କାର୍ଯ୍ୟକ୍ରମର ସଭାପତି ଡ଼.ଅନିତା ମିଶ୍ର, ଜେଏସଡବ୍ଲ୍ୟୁର ଜିଲା ସଂଯୋଜକ ସ୍ୱାଗତ କୁମାର ମହାପାତ୍ର, କୋଚ ଏହେସାନ ହୁସେନ, ଦୀପକ କିଷାନ, ଯସ୍ମୀନ ଲାକ୍ରା, ଇ.ଲଳିତ କୁମାର ପ୍ରମୁଖ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ।

# ୨ ଜଣଙ୍କୁ ୧୦ ବର୍ଷ ଜେଲ, ଲକ୍ଷେ ଲେଖାଏ ଜରିମାନା

## ଗଞ୍ଜେଇ ଚୋରା ଚାଲାଣ ମାମଲା

ବ୍ରହ୍ମପୁର ଅଫିସ,୨୩।୫

ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ ରାଜକୁମାର ଦାଶ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ମଙ୍ଗଳବାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ମିଳିଥିବାରୁ ୨ ଅଭିଯୁକ୍ତଙ୍କୁ ବିଚାରପତି ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ ଡେଙ୍ଗାଓସ୍ତା ଗ୍ରାମର ଶିବରାମ ସାହୁ ଓ ଏହି ଥାନା ଅନ୍ତର୍ଗତ ସିଙ୍ଗିପୁରର ମଙ୍ଗଳାଚରଣ ସାହୁ। ଉଭୟଙ୍କୁ ୧୦ ବର୍ଷ ଲେଖାଏ ସଶ୍ରମ ଜେଲଦଣ୍ଡ ସହ ଏକ ଲକ୍ଷ ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି।

୨୦୨୦ ଫେବୃୟାରୀ ୪ ତାରିଖରେ ଅଭିଯୁକ୍ତଦ୍ୱୟ ଏକ ସ୍କୁଟିରେ ଆସି ୨୨ କିଲୋ ଗଞ୍ଜେଇ ପଳାଶପୁରରୁ ସିଂହିପୁରକୁ ଚାଲାଣ କରୁଥିଲେ। ରାତ୍ରିକାଳୀନ ପାଟ୍ରୋଲିଂ ସାରି ଥାନାଧିକାରୀ ଅଜୟ କୁମାର ବାରିକ ଥାନାକୁ ଫେରିବା ବେଳେ ସନ୍ଦେହରେ ଅଭିଯୁକ୍ତଙ୍କୁ ଗାଡ଼ିକୁ ଅଟକାଇ ସେ ଯାଞ୍ଚ କରିଥିଲେ। ଉକ୍ତ ଗାଡ଼ିରେ ଏକ ବସ୍ତାରେ ୨୨ କିଲୋ ଗଞ୍ଜେଇ ଥିବା ସେ ଦେଖିବାକୁ ପାଇଥିଲେ। ଗଞ୍ଜେଇ ଜବତ କରିବା ସହ ଏସଂକ୍ରାନ୍ତରେ ୨୪/୨୦ରେ ଏକ ମାମଲା ରୁଜୁ କରିଥିଲା। ପରେ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ତତ୍କାଳୀନ ଥାନାଧିକାରୀ ଅଜୟ ବାରିକ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲେ। ଏହି ମାମଲାର ବିଚାରଣା ଚାଲିଥିବା ବେଳେ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବିକ୍ରମ କୁମାର କୁଣ୍ଡୁ ଓ ଏପିପି ନରେଶ ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ।

# ଯୌତୁକ ମାମଲାର ତଦନ୍ତ ବେଳେ ପୋଲିସକୁ ଆକ୍ରମଣ

## ୫ ଗିରଫ, ବାଳସୁଧାର ଗୃହକୁ ଗଲେ ନାବାଳକ

ବ୍ରହ୍ମପୁର ଅଫିସ,୨୩।୫

ଗୋଷାଣିନୂଆଗାଁ ଥାନା ଅଞ୍ଚଳରେ ଏକ ଯୌତୁକ ନିର୍ଯାତନା ମାମଲାର ତଦନ୍ତ କରିବାକୁ ଯାଇଥିବା ମହିଳା ଥାନା ପୋଲିସକୁ ଆକ୍ରମଣ କରାଯାଇଛି। ଏସ୍‌ଆଇ ଝୁନୁବାଳା ସାସମଲଙ୍କ ସହ ପୋଲିସ ଟିମ୍ ଓ ଅଭିଯୋଗକାରୀ ମହିଳାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ଆକ୍ରମଣ କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ

ଜଣଙ୍କୁ ଗିରଫ କରିଛି। ଆକ୍ରମଣ ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ମଙ୍ଗଳବାର ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରାଯାଇ ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଗିରଫ ୫ ଅଭିଯୁକ୍ତ ବିଶ୍ୱନାଥନଗର ଚାଞ୍ଚେଡ଼ାପଡ଼ିଆ ଅଞ୍ଚଳର ଡି.ଗୋବିନ୍ଦ ପାତ୍ର, ତାଙ୍କ ଭାଇ ଡି. ଘନ ପାତ୍ର, ଘନଙ୍କ ପୁଅ ଡି.ଶିବ ପାତ୍ର, ଡି.ଲକ୍ଷ୍ମୀ ପାତ୍ର, ଘନଙ୍କ ସ୍ତ୍ରୀ ଡି.ମମି ପାତ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ଆକ୍ରମଣ ବେଳେ ବ୍ୟବହାର କରିଥିବା ଠେଙ୍ଗା ଓ ବାଡ଼ିକୁ ପୋଲିସ ଜବତ କରିଛି।

ପ୍ରକାଶ ଯେ, ଡି.ମମତା ପାତ୍ରଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ ସେ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୭୮/୨୩ରେ ମାମଲା ରୁଜୁକରିଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଝୁନୁବାଳା ଏହାର ତଦନ୍ତ ଭାର ନେଇଥିଲେ। ସେ ପୋଲିସ ଟିମ୍ ସହ ମମତାଙ୍କୁ ସାଙ୍ଗରେ ନେଇ ବିଶ୍ୱନାଥନଗର ଚାଞ୍ଚେଡ଼ାପଡ଼ିଆସ୍ଥିତ ମମତାଙ୍କ ଶ୍ୱଶୁର ଘରକୁ ତଦନ୍ତ ସହ ଯୌତୁକ ସାମଗ୍ରୀ ଜବତ କରିବାକୁ ଯାଇଥିଲେ। ତେବେ ଶ୍ୱଶୁର ଘର ଲୋକେ ସେଠାରେ ମମତାଙ୍କୁ ମାଡ଼ ମାରି ଡ୍ରେନରେ ପକାଇ ଦେଇଥିଲେ। ତାଙ୍କୁ ରକ୍ଷା କରିବାକୁ ଯିବାରୁ ଏସ୍‌ଆଇ ଝୁନୁବାଳା ଏବଂ ତାଙ୍କର ଅନ୍ୟ ପୋଲିସ କର୍ମୀଙ୍କୁ ମଧ୍ୟ ସେମାନେ ଠେଙ୍ଗାରେ ପିଟିଥିଲେ। ତେବେ କୌଶଳକ୍ରମେ ମମତାଙ୍କୁ ରକ୍ଷା କରି ପୋଲିସ ଟିମ୍ ସେଠାରୁ ଖସି ଆସିଛି। ମମତାଙ୍କ ସହ ଏସ୍‌ଆଇ ଝୁନୁବାଳା ଓ ଅନ୍ୟ ପୋଲିସ କର୍ମୀ ଆହତ ହୋଇଥିଲେ। ଏନେଇ ପୋଲିସ ଏସଆଇ ଝୁନୁବାଳା ସୋମବାର ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୪୨ /୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ନାବାଳିକାଙ୍କୁ ଅପହରଣ

ଖଜୁରିପଡ଼ା,୨୩।୫

ଏକ ବିବାହ ଭୋଜି ଉତ୍ସବ ଦେଖିବାକୁ ଯାଇ ନାବାଳିକାକୁ ଅପହରଣ ହୋଇଥିବା ଖଜୁରିପଡ଼ା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର କ୍ଲାବୁରି ଗ୍ରାମର ରାହୁଲ ଗଣ୍ଡା ଏବଂ ଗଦାଧର ଗଣ୍ଡାଙ୍କୁ କୋର୍ଟ ଚାଲାଣ କରିଛି। ୧୭ ତାରିଖରେ ଦାତ ପାୟୁ ଗ୍ରାମରେ ଏକ ବିବାହ ଉତ୍ସବ ଚାଲିଥିଲା। ବିବାହ ଉତ୍ସବ ଦେଖିବାକୁ ଜଣେ ନାବାଳିକା ଝିଅ ଯାଇଥିଲେ। କିନ୍ତୁ ରାତି ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ କ୍ଲାବୁରି ଗ୍ରାମର ରାହୁଲ ଏବଂ ଗଦାଧର ତାଙ୍କ ଝିଅକୁ ନେଇ ସଦର ଥାନାରେ ଛାଡ଼ିଥିବା ଜାଣିଥିଲେ। ତଦନ୍ତ ପରେ ପୋଲିସ ନଂ. ୬୧/୨୩ରେ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ଭବେଶ



@ ଗୁରୁପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦର୍ଶକଙ୍କ ମନମୋହୁଛି କଳାକୁଞ୍ଜ

## ୧୬ ଦିନରେ ଲାଞ୍ଜିପଲ୍ଲୀ ଠାକୁରାଣୀ ଯାତ୍ରା



ତିନି ଠାକୁରଙ୍କ କଳାକୁଞ୍ଜ।

ବ୍ରହ୍ମପୁର ଅଫିସ,୨୩।୫

ଲାଞ୍ଜିପଲ୍ଲୀ ତାରାଦେବୀ ଠାକୁରାଣୀ ଯାତ୍ରା ମଙ୍ଗଳବାର ୧୬ ଦିନରେ ପହଞ୍ଚିଛି। ଏବେ ବିଭିନ୍ନ କଳାକୁଞ୍ଜ ଉନ୍ମୋଚିତ ହେଉଛି। ମଙ୍ଗଳବାର ଗଣେଶଙ୍କ କଳାକୁଞ୍ଜ ଉନ୍ମୋଚିତ ହୋଇଥିଲା। ସୋମବାର ରାତିରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଏବଂ ତିରୁପତି ବାଲାଜୀଙ୍କ କଳାକୁଞ୍ଜ ଉନ୍ମୋଚିତ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ୧୦୮ ଆଳତୀ ଓ ରାଜଘର ଭୋଗ ପରେ ମା' ସାହି ପରିକ୍ରମା ନିମନ୍ତେ ବାହାରିଥିଲେ। ଦେଶୀବେହେରା କୁନାସାବତ ମା'ଙ୍କ ଘଟ ମୁଣ୍ଡାଇଥିଲେ। ମା'ଙ୍କ ଘଟ ପୂର୍ବ ଅଡୁଆ ସାହିରୁ ବାହାରି ଦଣ୍ଡାସୀ ସାହି, ବାପୁଜୀ ନଗର, ଚଣ୍ଡି ମନ୍ଦିର ପରେ ଜେଲ ସାହି, ୟୁପିସ୍କୁଲ ଛକ, କୁମ୍ଭାର ଓ ବ୍ରାହ୍ମଣ ସାହି ଦେଇ ମଧ୍ୟରାତିରେ ପୁଣି ପୂଜା ମଣ୍ଡପକୁ ଫେରିବେ।

# ଚୋରି ସନ୍ଦେହରେ ମହିଳାଙ୍କୁ ନିର୍ଯାତନା

## ରାସ୍ତାରେ ୨ ମହିଳା ଘୋଷାଡୁଥିବା ଭିଡିଓ ଭାଇରାଲ

ବ୍ରହ୍ମପୁର ଅଫିସ,୨୩।୫

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲି ଭେଣ୍ଡିଂ ଜୋନ ନିକଟରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଚୋରି ସନ୍ଦେହରେ ଜଣେ ମହିଳାଙ୍କୁ ସ୍ପଷ୍ଟ ଦିବାଲୋକରେ ରାସ୍ତାରେ ୨ଜଣ ମହିଳା ଘୋଷାଡ଼ି ନେଉଥିବା ସୋସିଆଲ ମିଡିଆରେ ଭିଡ଼ିଓ ଭାଇରାଲ ହୋଇଛି। ୨ଜଣ ମହିଳା ତାଙ୍କୁ ମାଡ଼ ମଧ ମାରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୮ଟାରେ ଏହି ଘଟଣା ଦେଖିବାକୁ ମିଳିଥିଲା। ତେବେ ଦୁଃଖର ବିଷୟ ଜଣେ ମହିଳାଙ୍କ ପ୍ରତି ସର୍ବସାଧାରଣରେ ଏଭଳି ଅମାନୁଷିକ ଆଚରଣ କରାଯାଉଥିବା ବେଳେ କେତେଜଣ ଲୋକ ଏହାର ଭିଡିଓ ଉତ୍ତୋଳନ କରିଛନ୍ତି। କେହି ବି ପୋଲିସକୁ ଖବର ଦେଇନାହାନ୍ତି କି ପ୍ରତିବାଦ କରିନାହାନ୍ତି। ଦୁଇ ମହିଳା ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ରାସ୍ତାରେ ସମ୍ପୃକ୍ତା ମହିଳାଙ୍କୁ ଅଟକ ରଖିବା ପରେ ଛାଡ଼ି ଦେଇଛନ୍ତି।

# ଫେରାର ଥିବା ମୁଖ୍ୟ ଅଭିଯୁକ୍ତ କୋର୍ଟ ଚାଲାଣ

## ଟ୍ରାଭେଲ୍ସ ମାଲିକଙ୍କୁ ଆକ୍ରମଣ ଘଟଣା

ବ୍ରହ୍ମପୁର ଅଫିସ,୨୩।୫

ଟ୍ରାଭେଲ୍ସ ମାଲିକ କୁମୁଦ ରଞ୍ଜନ ବ୍ରହ୍ମା, କାର ଡ୍ରାଇଭର ସୁଦର୍ଶନ ଦାସ ଓ ଟ୍ରାଭେଲ୍ସ ସଂସ୍ଥାର ମ୍ୟାନେଜର ହରିହର ପାଣିଗ୍ରାହୀଙ୍କୁ ଆକ୍ରମଣ ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଆଶିଷ ସାହୁ ଗିରଫ ହୋଇଛନ୍ତି। ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ପୂର୍ବରୁ ଆଶିଷଙ୍କ ଭାଇ ହିଲପାଟଣାର ମୁକ୍ତେଶ ସାହୁ, ଗୋଷାଣିନୂଆଗାଁ ନେହେରୁନଗର ୧୦ମ ଲାଇନର ସିଏଚ. ରାବି ରେଡ୍ଡୀ, ରେଳବାଇ କଲୋନୀର କ୍ରିଷ୍ଣା ପାତ୍ର ଓ ମୋହନା ଥାନା ଅନ୍ତର୍ଗତ ଡ଼ରିମ୍ବା ଗ୍ରାମର ସୁଜିତ ରାଇକାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତମାନେ ଏହି କାଣ୍ଡ ଘଟାଇଥିଲେ। ଗତ ୧୦ ତାରିଖ ରାତିରେ ସମ୍ପର୍କ ଟ୍ରାଭେଲ୍ସ ସମ୍ମୁଖରେ ଥିବା କାର ଗୁଡ଼ିକୁ କେତେଜଣ ଦୁର୍ବୃତ୍ତ ଲୁହାଛଡ଼ରେ ଭାଙ୍ଗୁଥିଲେ। ସେଠାରେ ଥିବା ହରିହର ଏହାର ପ୍ରତିବାଦ କରିବାରୁ ସେମାନେ ପ୍ରଥମେ ହରିହରଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସେ ଦୌଡ଼ିଯାଇ ଏନେଇ ମାଲିକ କୁମୁଦ ରଞ୍ଜନଙ୍କୁ ଖବର ଦେଇଥିଲେ। ମାଲିକ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥଲେ। ହେଲେ ଦୁର୍ବୃର୍ତ୍ତ ମାନେ କୁମୁଦଙ୍କୁ ମଧ ଖଣ୍ଡାରେ ଆକ୍ରମଣ କରିଥିଲେ। ଟ୍ରାଭେଲ୍ସ କାର୍ଯ୍ୟାଳୟ ଭିତରେ ଥିବା ଡ୍ରାଇଭର ସୁଦର୍ଶନ ଦାସ ମାଲିକଙ୍କୁ ବଞ୍ଚାଇବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ।

# ୩୦ରୁ ମାସେ ବ୍ୟାପୀ ଜନସମ୍ପର୍କ ଅଭିଯାନ

## ଗଞ୍ଜାମ ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର ଅଫିସ,୨୩।୫

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପାର ସ୍ୱତନ୍ତ୍ର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରର ଆସନ୍ତା ୩୦ ତାରିଖରେ ୯ ବର୍ଷ ପୂର୍ତ୍ତି ହେବ। ତେଣୁ ମେ ୩୦ରୁ ଜୁନ ୩୦ ପର୍ଯ୍ୟନ୍ତ ମାସେ ବ୍ୟାପୀ ଏହି ସାଙ୍ଗଠନିକ ଜିଲାରେ ସବୁ ମଣ୍ଡଳ, ଶକ୍ତି କେନ୍ଦ୍ର, ବୁଥ ସ୍ତରରେ ଜନ ସମ୍ପର୍କ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ। ବିଧାନସଭା ନିର୍ବାଚନ ମଣ୍ଡଳୀ ମାନଙ୍କରେ ଜନ ସମ୍ପର୍କ ଅଭିଯାନ ବେଳେ ରାଜ୍ୟ ବିଜେଡି ସରକାରଙ୍କ ବିଫଳ ଶାସନ ନେଇ ଜନ ଜାଗରଣ ସୃଷ୍ଟି କରାଯିବାକୁ ମଣ୍ଡଳ ଓ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦିଆଯାଇଥିଲା।




ଭାଜପା କାର୍ଯ୍ୟକାରିଣୀ ବୈଠକରେ ନେତାମାନେ।

ଜିଲା ସଭାପତି ବିଭୂତି ଭୂଷଣ ଜେନା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ କର୍ମୀ ଓ ନେତାମାନେ ସଂଗଠନ ସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ୯ ବର୍ଷର ସଫଳ ଶାସନର ବ୍ୟାପକ ପ୍ରଚାର କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ ଯୋଗଦେଇ ବୈଠକ ଶୁଭାରମ୍ଭ କରିଥିଲେ। ମାସକର କାର୍ଯ୍ୟକ୍ରମରେ କର୍ମୀମାନେ ସବୁ ବର୍ଗର ଲୋକ ଏବଂ ମହିଳାମାନଙ୍କୁ ଭେଟିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ଉପସଭାପତି ତଥା ଗତ ଲୋକସଭା ନିର୍ବାଚନର ବ୍ରହ୍ମପୁର ସଂସଦୀୟ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର ଏବଂ ପୂର୍ବତନ ଜିଲା ସଭାପତି ତଥା ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ କାହ୍ନୁ ଚରଣ ପତି ବୈଠକର ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ।

ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ, ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ଅନ୍ୟମାନେ ଯୋଗ ଦେଇଥିଲେ। ଜିଲା ଉପସଭାପତି ସୁନୀଲ କୁମାର ସାହୁ, ଡ଼ା. ସୁବାସ ସାହୁଙ୍କ ସମେତ ଚିନ୍ମୟାନନ୍ଦ ଦାସ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ବବିତା ପାତ୍ର, ବାଳକୃଷ୍ଣ ସାମନ୍ତରାୟ, ଧନୁ ଶବର, ସାମୁଏଲ ବେହେରା, ବିଦ୍ୟୁସ୍ମିତା ପାଳ, ପ୍ରଭାତ ଷଡ଼ଙ୍ଗୀ, ମନୋଜ ପଟ୍ଟନାୟକ, ରାମ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ

ହିଞ୍ଜିଳିକାଟୁ, ୨୩।୫(ଡି.ଏନ.ଏ)

ଭାଜପାର ଘୁମୁସର ଜିଲା ୭ମ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ହିଞ୍ଜିଳିର ରାଧାକୃଷ୍ଣ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୋକୁଳାନନ୍ଦ ମଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାପତି ଅନିତା ଶୁଭଦର୍ଶନୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ସୂର୍ଯ୍ୟ ନାରାୟଣ ଦାଶ, ରଞ୍ଜନ ପଲେଇ, ମହେଶ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ନୀଳମାଧବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାଉନ ସୁଗାର ଜବତ, ୨ ଗିରଫ

## ଖଲ୍ଲିକୋଟ କଲେଜ ଖେଳପଡ଼ିଆ ପାଲଟିଛି ବ୍ୟବସାୟ ସ୍ଥଳ

ବ୍ରହ୍ମପୁର ଅଫିସ,୨୩।୫

ଗଞ୍ଜେଇ ପରେ ଏବେ ବ୍ରହ୍ମପୁର ସହର ଓ ସହରତଳି ଅଞ୍ଚଳରେ ବ୍ରାଉନ ସୁଗାର ବ୍ୟବସାୟୀ ସକ୍ରିୟ ହୋଇଛନ୍ତି। ସେମାନେ ଯୁବବର୍ଗଙ୍କୁ ଟାର୍ଗେଟ କରୁଛନ୍ତି। ଏଭଳି ଏକ ଖବରପାଇ ଟାଉନ ଥାନା ପୋଲିସ ସୋମବାର ଅପରାହ୍ନରେ ଖଲିକୋଟ କଲେଜ ଖେଳପଡ଼ିଆରେ ଚଢ଼ାଉ କରିଥିଲା। ସେଠାରେ ଥିବା ଏକ ଅର୍ଦ୍ଧନିର୍ମିତ ଗୃହରେ ବ୍ରାଉନସୁଗାର କାରବାର ଚାଲିଥିଲା। ପୋଲିସକୁ ଦେଖି ବ୍ରାଉନ ସୁଗାର କିଣିବା ପାଇଁ ଆସିଥିବା ଯୁବକମାନେ ଦୌଡ଼ି ପଳାଇଥିବା ବେଳେ ଏହି କାରବାର କରୁଥିବା ୨ ଯୁବକଙ୍କୁ କାବୁ କରାଯାଇଛି। ସେମାନେ ହେଲେ ବଡବଜାର ଥାନା ଅନ୍ତର୍ଗତ ଧାନମେରା ସାହିର ରଞ୍ଜନ ଦାଶ ଓ ରତ୍ନରଞ୍ଜନ ନିମାଇ ଓରଫ ଚିକୁ। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଏକ ପ୍ଲାଷ୍ଟିକ ଡବାରେ ଥିବା ୨୮. ୯୫ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଏଥିସହ ବ୍ରାଉନସୁଗାର ବିକ୍ରିକରି ସେମାନଙ୍କ ପାଖରେ ଥିବା ୪୨୭୦ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍, ୧୦ଟି ହଳଦିଆ ପେପର ଖଣ୍ଡ, ଚାମଚ ଆଦି ପୋଲିସ ଜବତ କରିଛି। ଅଭିଯୁକ୍ତଦ୍ୱୟ ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ବ୍ରହ୍ମପୁର ଓ ଆଖପାଖ ଅଞ୍ଚଳର ଯୁବକଙ୍କୁ ବିକ୍ରି କରୁଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ମାମଲା ନଂ. ୧୯୭/୨୩ରେ ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟେ, ପୂର୍ବରୁ ଟାଉନ ଥାନା ପୋଲିସ ଉକ୍ତ ଖେଳ ପଡ଼ିଆରୁ ଏକାଧିକ ଯୁବକଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ବ୍ରାଉନସୁଗାର ଜବତ କରିଥିବା ନଜିର ରହିଛି।

# ସୀମାନ୍ତ ଅଞ୍ଚଳରେ ଆନ୍ଧ୍ରର ଅନୁପ୍ରବେଶକୁ ବିରୋଧ

## ଓଡ଼ିଆ ଭାଷା ଆନ୍ଦୋଳନର ପ୍ରତିବାଦ ସଭା

ବ୍ରହ୍ମପୁର ଅଫିସ୍,୨୩।୫

ଓଡିଶା ସୀମାନ୍ତ ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ଅନୁପ୍ରବେଶକୁ ଓଡିଆ ଭାଷା ଆନ୍ଦୋଳନ ବିରୋଧ କରିବା ସହ ଓଡିଶା ସୀମାନ୍ତ ଅଞ୍ଚଳରେ ଓଡିଆ ପ୍ରଶାସନିକ ଅଧିକାରୀ ନିଯୁକ୍ତି ଦାବି ନେଇ ମଙ୍ଗଳବାର ପୁରୁଣା ବସଷ୍ଟାଣ୍ଡସ୍ଥିତ ଶଶୀଭୂଷଣ ରଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରତିବାଦ ସଭା କରାଯାଇଛି। ସଂଘ ସଭାପତି ତ୍ରିନାଥ ମହାରଣା ନେତୃତ୍ୱରେ ଅନୁଷ୍ଠିତ ସଭାରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

କୋରାପୁଟ ଜିଲାର ପଟାଙ୍ଗି, ନନ୍ଦପୁର, ନାରାୟଣପାଟଣା, ବନ୍ଧୁଗାଁ ଓ ଲମତାପୁଟ ବ୍ଲକର ବିଭିନ୍ନ ଗ୍ରାମରେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପି. ରାଜନା ଦୋରା ଓ ପ୍ରଶାସନିକ ଅଧିକାରୀ ଅନୁପ୍ରବେଶ କରି ଆନ୍ଧ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି। ଏପରିକି କୋଟିଆ ପଞ୍ଚାୟତକୁ ପାର୍ବତୀପୁରମ୍ ଜିଲାରେ ସାମିଲ କରିବାକୁ ଆନ୍ଧ୍ର ସରକାର




ପ୍ରତିବାଦ ସଭାରେ ଭାଷା ଆନ୍ଦୋଳନ କର୍ମକର୍ତ୍ତା ଓ ଅନ୍ୟମାନେ।

ଉଦ୍ୟମ କରୁଥିବା ସଂଘ ଅଭିଯୋଗ କରିଛି। ସଂଘୀୟ ବ୍ୟବସ୍ଥାରେ ପରସ୍ପରର ଭୌଗଳିକ ସୀମାକୁ ସମ୍ମାନ ଦେବା ପରିବର୍ତ୍ତେ ଆନ୍ଧ୍ର ସରକାର ଅସମ୍ମାନ ପ୍ରଦର୍ଶନ କରୁଥିବା ନେଇ ପ୍ରତିବାଦ ସଭାରେ ମତ ପ୍ରକାଶ ପାଇଥିଲା। ଏଣୁ ଓଡିଶା ସୀମାନ୍ତବାସୀ ରାଜ୍ୟ ସରକାରଙ୍କ ଯୋଜନାରେ ଉପକୃତ ହେଉଛନ୍ତି କି ନାହିଁ ଓଡିଶା ସରକାର ଯାଞ୍ଚ କରନ୍ତୁ ଏବଂ ଓଡିଶା ସୀମାନ୍ତରେ ଓଡିଆ ପ୍ରଶାସନିକ ଅଧିକାରୀ ନିଯୁକ୍ତି ପାଇଁ ସଂଘ ଦାବି କରିଛି। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଂପାଦକ ସମୀର କୁମାର ଆଚାର୍ଯ୍ୟ, ଭାଷାପ୍ରେମୀ କାହ୍ନୁ ଚରଣ ପତି ଓ କାମନା ପାଢ଼ିଙ୍କ ସମେତ ପ୍ରଭାତ କୁମାର ମିଶ୍ର, ରାଜେନ୍ଦ୍ର କୁମାର ପଣ୍ଡା, ରାମେଶ୍ୱର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

